ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ଵ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

ପତ୍ର ସଂ –୨୬ /୨୦୨୪ ସପ୍ତାହ- ୧୩ ଗୁରୁବାର, ତାରିଖ-୨୮.୦୩.୨୦୨୪

## ନୂଆପଡ଼ା ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୨୯.୦୩.୨୦୨୪ ରୁ ୦୨.୦୪.୨୦୨୪ ପର୍ଯ୍ୟନ୍ତ:

| ଜିଲ୍ଲା | ତାରିଖ | ବର୍ଷା ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (°ସେ.) | ସର୍ବନିମ୍ନ ତାପମାତ୍ରା (°ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| ନୂଆପଡ଼ା | ୨୯-୦୩-୨୦୨୪ | ୦ | ୩୬ | ୨୩ | ୧ | ୩୧ | ୧୪ | ୯ | ୨୪୮ |
| | ୩୦-୦୩-୨୦୨୪ | ୦ | ୩୭ | ୨୩ | ୩ | ୩୬ | ୧୪ | ୧୦ | ୨୭୦ |
| | ୩୧-୦୩-୨୦୨୪ | ୨ | ୩୭ | ୨୪ | ୩ | ୪୨ | ୧୬ | ୧୦ | ୨୫୯ |
| | ୦୧-୦୪-୨୦୨୪ | ୨ | ୩୮ | ୨୪ | ୨ | ୪୧ | ୧୮ | ୯ | ୨୨୫ |
| | ୦୨-୦୪-୨୦୨୪ | ୦ | ୩୮ | ୨୪ | ୨ | ୩୬ | ୧୮ | ୧୧ | ୨୪୯ |

ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

### ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ଦୁଇଦିନ ପର୍ଯନ୍ତ ପାଗ ଶୁଖିଲା ରହିବାର ସମ୍ଭାବନା ଅଛି ଓ ପରବର୍ତୀ ଦିନଗୁଡିକରେ ଅତୀବ ସ୍ବଳ୍ପ ବର୍ଷା ହେବାର ଆଶଙ୍କା ରହିଛି । ଏହି ସମୟରେ ଆକାଶ ମୁଖ୍ୟତଃ ନିର୍ମଳ ଓ ଆଂଶିକ ମେଘୁଆ ରହିବା ସହିତ ଉକ୍ତ ସମୟ ମଧରେ ପବନ ଦକ୍ଷିଣ ପଶ୍ଚିମ ରୁ ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୦୦୯ – ୦୧୧ କି.ମି. ବେଗରେ ବହିବାର ଆଶଙ୍କା ରହିଛି । ଆସନ୍ତା ପାଞ୍ଚ ଦିନରେ ଦିନର ସର୍ବାଧିକ ତାପମାତ୍ରା ୩୬ - ୩୮ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୩ - ୨୪ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୩୧ – ୪୨ % ଓ ୧୪ – ୧୮ % ରହିବ ବୋଲି ଆଶା କରାଯାଏ ।

ଚେତାବନୀ : ନାହିଁ

### ପାଣିପାଗ ଭିତ୍ତିକ କୃଷି ପରାମର୍ଶ

- ଆସନ୍ତା ପାଞ୍ଚଦିନ ପାଗ ଶୁଖିଲା ଓ ଖରାଟିଆ ରହିବାର ଆକଳନ ଥିବାରୁ ପାକଳ ହେଇଯାଇଥିବା ଫସଲକୁ ଅମଳ କରି ଦିଅନ୍ତୁ ।
- ପାଗ ଶୁଖିଲା ରହିବାର ସମ୍ଭାବନା ଥିବାରୁ ଚାଷୀ ଭାଇ ମାନେ ଆବଶ୍ୟକ ସ୍ଥଳେ ସାର ଓ ଜୀବନାଶକ ର ପ୍ରୟୋଗ କରି ପାରିବେ ।
- ଫସଲରେ ରୋଗ ଓ ପୋକ ର ଉପସ୍ଥିତି କୁ ନିୟମିତ ଯାଞ୍ଚ କରନ୍ତୁ ।
- ଜମିରେ ଥିବା ଘାସ ଦ୍ବାରା ପୋକ ଓ ରୋଗର ସଂକ୍ରମଣକୁ ବୃଦ୍ଧି କରିଥାଏ । ତେଣୁ ଜମିକୁ ସର୍ବଦା ଘାସମୁକ୍ତ ରଖନ୍ତୁ । ପନିପରିବା ଜାତୀୟ ଫସଲରେ ଘାସର ନିୟନ୍ତ୍ରଣ ପାଇଁ ପଲିଥିନ ଦ୍ବାରା ମଲଚିଂ ର ବ୍ୟବସ୍ଥା କରନ୍ତୁ।
- ଖରାଟିଆ ପାଗ ସହ ତାପମାତ୍ରା ର ବୃଦ୍ଧି ହେତୁ ପଶୁପକ୍ଷୀ ମାନଙ୍କୁ ଛାଇ ଥିବା ସ୍ଥାନରେ ରଖିବା ଏକାନ୍ତ ଆବଶ୍ୟକ । ଛାତ କିମ୍ବା ଆଜବେଷ୍ଟସ ଘରେ ପଶୁ ମାନଙ୍କୁ ରଖୁଥିଲେ ଛାତ ଉପରେ ନଡ଼ା ବିଛାଇ ଦିଅନ୍ତୁ ଏବଂ ପଶୁପକ୍ଷୀ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଥଣ୍ଡା ତଥା ନିର୍ମଳ ପାନୀୟ ଜଳ ପ୍ରଦାନ କରନ୍ତୁ।

| | |
|---|---|
| ସଂକ୍ଷିପ୍ତ ବାର୍ତା | ଫସଲରେ ପୋକର ଉପସ୍ଥିତି କୁ ନିୟନ୍ତ୍ରଣ କରିବା ପାଇଁ ଜମିରେ ସଙ୍ଗ ଆକର୍ଷକ ଜନ୍ତା (ଫେରୋମୋନ ଟ୍ରାପ), ଅଠାଳିଆ ଜନ୍ତା ଓ ସୌର ଚାଳିତ ଆଲୋକ ଜନ୍ତା ଲଗାନ୍ତୁ । |

### ଫସଲ ଭିତ୍ତିକ କୃଷି ପରାମର୍ଶ:

| ଫସଲ (ଅବସ୍ଥା) | ପରାମର୍ଶ |
|---|---|
| ଡାଲୁଅ ଧାନ<br>( ଥୋଡ଼ ବାହାରିବା ଅବସ୍ଥା) | ସାର ପରିଚାଳନା:<br>▪ ପିଲ ବାହାରିବ ଅବସ୍ଥାରେ ଏକର ପ୍ରତି ୩୫ କିଲୋଗ୍ରାମ ଡିଏପି ଏବଂ ୧୧ କିଲୋଗ୍ରାମ ଏମ୍ଓପି ସାର ପ୍ରୟୋଗ କରନ୍ତୁ ।<br>ରୋଗ ଓ ପୋକ ପରିଚାଳନା:<br>▪ ମହିଷା ରୋଗ: ଛଟା ବୁଣା ଧାନରେ ମହିଷା ରୋଗର ପ୍ରାଦୁର୍ଭାବ ଦେଖା ଦେଉଥିଲେ ପ୍ରତି ୧୦ ଲିଟର ପାଣିରେ ୪ ଗ୍ରାମ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବ୍ଲୁ. ଜି. କିମ୍ବା ୧୦ ଗ୍ରାମ କାରବେନଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୧୦ ମି.ଲି. ଏଡିଫେନୋଫୋସ୍ ୫୦% ଇ.ସି. କୁ ମିଶ୍ରଣ କରି ସିଂଚନ କରନ୍ତୁ।<br>▪ କାଣ୍ଡବିନ୍ଧା ବା ଗଣ୍ଡି ପୋକ ଓ ପତ୍ରମୋଡ଼ା ପୋକ: ଗଣ୍ଡି ପୋକ ଅଧିକ ସଂକ୍ରମିତ ନହେବା ପାଇଁ ଯବକ୍ଷାରଜାନ ଯୁକ୍ତ ସାରକୁ ବିଚାର କରି ପ୍ରୟୋଗ କରନ୍ତୁ । ଗଣ୍ଡିପୋକ ର ଅଣ୍ଡା ସମୂହ କୁ ଦେଖିବାକୁ ପାଇଲେ ତାହାକୁ ହାତରେ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ। ରୋଇବା ପରେ ପରେ କାଣ୍ଡବିନ୍ଧା ଓ ପତ୍ରମୋଡ଼ା ପୋକର ନିରୀକ୍ଷଣ ପାଇଁ ଏକର ପିଛା ଟ୍ରାପ୍ ପ୍ରତି ୫ ମିଲିଗ୍ରାମ ଲିଓର ସହିତ ୩ ଟି ଯୌନ ସମ୍ବେଦନଶୀଳ ଯନ୍ତା ବା ଫେରୋମୋନ ଟ୍ରାପ ଲଗାନ୍ତୁ । ଯଦି ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ହେଇଯିବ ତେବେ ପ୍ରତି ଏକ ଲିଟର ପାଣିରେ ୪ ମିଲିଗ୍ରାମ ଆଜାଡିରକଟିନ୍ ୦.୧୫% ନିମ୍ବ ଜାତୀୟ ଔଷଧ କିମ୍ବା ଦାନାଦାର ଔଷଧ ଭାବରେ ଏକର ପିଛା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ ୪ଜି କୁ ସମାନ ପରିମାଣର ବାଲି ସହିତ ମିଶାଇ ଜମିରେ ପ୍ରୟୋଗ କରନ୍ତୁ ନଚେତ ୩ ମି.ଲି |

| | |
|---|---|
| | କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ.ସି କିମ୍ବା ୧ ମି.ଲି ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ। |
| **ମୁଗ ଓ ବିରି** (ପାକଳ ଅବସ୍ଥା/ଅମଳ ଅବସ୍ଥା) | **ଅମଳ ପରବର୍ତୀ ଯତ୍ନ**<br>▪ ୭୫ ରୁ ୮୦ ଭାଗ ଛୁଇଁ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ ଏବଂ ଅମଳ ପରେ ମଞ୍ଜିକୁ ଖରାରେ ଭଲଭାବରେ ଶୁଖାନ୍ତୁ ଯେପରିକି ମଞ୍ଜିରେ ୮ ରୁ ୧୦ ଭାଗ ଜଳୀୟ ଅଂଶ ରହିବ ।<br>▪ ଛୁଇଁ ଅମଳ ପରେ ଗଛ ଗୁଡ଼ିକୁ ମାଟିରେ ଚାଷ କରି ମିଶାଇ ଦିଅନ୍ତୁ । ଏହାଦ୍ବାରା ମାଟିର ଉର୍ବରତା ବଢିଥାଏ । |
| **ଚିନାବାଦାମ** (ଫଳ ଧରିବା ଅବସ୍ଥା/ପାକଳ) | **ରୋଗ ଓ ପୋକ ପରିଚାଳନା:**<br>▪ **ପତ୍ର ସୁଡଙ୍ଗ ପୋକ:** ବର୍ତମାନ ପାଗରେ ଉଚ୍ଚ ତାପମାତ୍ରା ପାଇଁ ପତ୍ର ସୁଡଙ୍ଗ ପୋକ ର ପ୍ରାଦୁର୍ଭାବ ଦେଖା ଦେବାର ସମ୍ଭାବନା ରହିଛି । ସଂକ୍ରମଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ୨ ମିଲିଗ୍ରାମ ପ୍ରୋଫେନୋଫୋସ୍ ୫୦% ଇସି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>▪ **ତମ୍ବାଖୁ ପତ୍ରଖିଆ ପୋକ:** ପ୍ରତିକାର ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ସ୍ପୋଡୋ ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ ।<br>▪ **ଟୀକ୍କା ରୋଗ:** ଟୀକ୍କା ରୋଗର ପ୍ରତିକାର ପାଇଁ ୩ ଗ୍ରା. ମାଂକୋଜେବ ୭୫ % ଡବ୍ଲ୍ୟୁ.ପି କିମ୍ବା ୧ ମି.ଲି ଟେବୁକୋନାଜୋଲ ୨୯.୫ % ଇ.ସି କିମ୍ବା ୨ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ସଙ୍କର ମକା** (ଅଙ୍ଗୀୟ ଅବସ୍ଥା /ଫୁଲ କିମ୍ବା ଫଳ ଧରିବା ଅବସ୍ଥା) | **କୀଟ ପରିଚାଳନା:**<br>▪ **କାଣ୍ଡବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ମି.ଲି. ହିସାବରେ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫୋସ ୫୦% ଇ.ସି. କୁ ମିଶାଇ ସିଂଚନ କରନ୍ତୁ।<br>▪ **ଫଲ ଆର୍ମି ୱର୍ମ:** ଏହି କୀଟର ନିୟନ୍ତ୍ରଣ ନିମନ୍ତେ ପ୍ରତି ପାଞ୍ଚ ଲିଟର ପାଣିରେ ୨ ଗ୍ରା. ଇମାମେକଟିନ୍ ବେନଜୋଏଟ୍ କୁ ମିଶାଇ ସିଂଚନ କରନ୍ତୁ । |
| **ଟମାଟୋ** (ଫୁଲ/ଫଳ ଧରିବା ଅବସ୍ଥା) | **ରୋଗ ଓ କୀଟ ପରିଚାଳନା:**<br>▪ **ପତ୍ର ପୋଡ଼ା ରୋଗ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୩ ଗ୍ରାମ କପରଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।<br>▪ **ଫଳ ଓ କାଣ୍ଡବିନ୍ଧା ପୋକ :** ନିୟନ୍ତ୍ରଣ ପାଇଁ ଏକର ପ୍ରତି ଦୁଇଟି ଲେଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ କିମ୍ବା ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୩ ମି.ଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫%ଏସ.ସି କିମ୍ବା ୧୦ ମି.ଲି. ଇନଡୋକ୍ସାକାର୍ବ ୧୪.୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| **ଲଙ୍କା** (ଅଙ୍ଗୀୟ ଅବସ୍ଥା /ଫୁଲ କିମ୍ବା ଫଳ ଧରିବା ଅବସ୍ଥା) | **ରୋଗ ଓ କୀଟ ପରିଚାଳନା:**<br>▪ **ଉକୁଣିଆ ପୋକ/ ପତ୍ରମୋଡା ରୋଗ :** ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ଇମାମେକ୍ଟିନବେଞ୍ଜୋଏଟ୍ ୫% ଏସ୍.ଜି. ୨ ଗ୍ରା. କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୧୦ ମି.ଲି. କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୧.୫ ମି.ଲି ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।<br>▪ **ଫଳବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ହେଲି ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ । |
| **ବାଇଗଣ** (ଅଙ୍ଗୀୟ ଅବସ୍ଥା /ଫୁଲ କିମ୍ବା ଫଳ ଧରିବା ଅବସ୍ଥା) | **କୀଟ ପରିଚାଳନା:**<br>▪ **କାଣ୍ଡ ଓ ଫଳ ବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଜନ୍ତା) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ । ରାସାୟନିକ ପଦ୍ଧତିରେ ନିୟନ୍ତ୍ରଣ ପାଇଁ ପ୍ରତି ୧୫ ଲିଟର ପାଣିରେ ସ୍ପିନୋସାଡ ୪୫% ଏସ.ସି ୫.୫ ମିଲିଗ୍ରାମ ନଚେତ ପ୍ରତି ଏକ ଲିଟର ପାଣିରେ ୨ ମିଲିଗ୍ରାମ ଥିଓଡିକାର୍ବ ୭୫% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। |
| **ପଶୁପାଳନ:** | |
| **ଗାଈ ଓ ମଇଁଷି** | ▪ ଅଧିକ ଦୁଗ୍ଧ (୧୦ - ୧୫ ଲିଟର) ଦେଉଥିବା ଗାଈ ମାନଙ୍କୁ ଖାଦ୍ୟରେ ତନ୍ତୁ ପରିମାଣକୁ ହ୍ରାସ କରି ୫ ରୁ ୧୦ ପ୍ରତିଶତ ଚର୍ବି ବା ତୈଳ ଜାତୀୟ ଖାଦ୍ୟ ମିଶାଇ ଦେବା ଉଚିତ। ଭିଟାମିନ ଏ ଓ ଇ ଖାଦ୍ୟରେ ମିଶାଇ ପଶୁମାନଙ୍କୁ ଦେଲେ ଲାଭ ଦାୟକ ହେଇଥାଏ। ବର୍ତମାନର ପାଗକୁ ଦୃଷ୍ଟିରେ ରଖି ଦୁଧିଆଳୀ ଗାଈ ଓ ମଇଁଷି ମାନଙ୍କୁ ଦିନବେଳା ଦୁଇ ରୁ ତିନି ଥର ତାଙ୍କ ଉପରେ ପାଣି ସିଞ୍ଚନ କରି ଓଦା କରନ୍ତୁ। |

| | |
|---|---|
| **ଛେଳି ଓ ମେଣ୍ଢା** | ▪ ବର୍ତମାନ ର ପାଗକୁ ଲକ୍ଷ୍ୟ କରି ବାହାରକୁ ଚରାଇବାକୁ ନେଉଥିବା ଛେଳି ଓ ମେଣ୍ଢା ମାନଙ୍କୁ ଦିନ ୧୧ ଟା ପୂର୍ବରୁ ଗୁହାଳକୁ ନେଇ ଆସନ୍ତୁ ଓ ଅପରାହ୍ନ ୪ଟା ପରେ ପୁନର୍ବାର ଚରାଇବାକୁ ଛାଡ଼ନ୍ତୁ। |
| **କୁକୁଡ଼ା** | ▪ ବର୍ତମାନ ପାଗରେ କୁକୁଡ଼ା ରଖୁଥିବା ଘରକୁ ଦିନବେଳା ପରଦା ଢାଙ୍କି ଗରମ ପବନରୁ କୁକୁଡ଼ା ମାନଙ୍କୁ ରକ୍ଷା କରନ୍ତୁ। ଆବଶ୍ୟକ ସ୍ଥଳେ କୁକୁଡ଼ା ମାନଙ୍କ ଉପରେ ଦିନରେ ୨ ରୁ ୩ ଥର ପାଣି ସିଞ୍ଚନ କରନ୍ତୁ। |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**